ବିଦ୍ୟାବର୍ଦ୍ଧକ ସଂଘ ଏବଂ ଅନ୍ୟଜଣେ

ବନାମ

ୱାଇ. ଡି. ଦେଶପାଣ୍ଡେ ଏବଂ ଅନ୍ୟମାନେ

**ସେପ୍ଟେମ୍ବର 21, 2006**

**[ଡ. ଏ. ଆର୍. ଲକ୍ଷ୍ମଣନ୍ ଏବଂ ତରୁଣ ଚାଟ୍ଟାର୍ଜୀ, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ - ନିଯୁକ୍ତି - ନିର୍ଦ୍ଦିଷ୍ଟ ଅବଧି ପାଇଁ ଅସ୍ଥାୟୀ/ଚୁକ୍ତି ଭିତ୍ତିରେ - ପ୍ରଭାବ - ଏହା ନିର୍ଣ୍ଣୟ କରାଯାଇଥିଲା ଯେ: ସମୟର ପ୍ରବାହ ଦ୍ୱାରା ନିଯୁକ୍ତି ସମାପ୍ତ ହୋଇଥାଏ - ଏହିପରି ବ୍ୟକ୍ତିଙ୍କ ପଦବୀରେ ରହିବାର କୌଣସି ଅଧିକାର ନାହିଁ, ଏବଂ ସେହିପରି ଏହାର ସମାପ୍ତିକୁ ଆପତ୍ତି କରିପାରିବେ ନାହିଁ।*

ଏହି ଆବେଦନଗୁଡ଼ିକରେ ବିଚାର ପାଇଁ ଯେଉଁ ପ୍ରଶ୍ନ ଉଠିଥିଲା, ତାହା ଥିଲା, ନିର୍ଦ୍ଦିଷ୍ଟ ଅବଧି ପାଇଁ ଅସ୍ଥାୟୀ ଭିତ୍ତିରେ/ଚୁକ୍ତି ଭିତ୍ତିରେ ନିଯୁକ୍ତ ବ୍ୟକ୍ତିମାନଙ୍କର ଏହି ଅବଧି ଶେଷ ହେବା ପରେ ମଧ ଏହି ପଦବୀରେ ରହିବାର ଅଧିକାର ରହିଛି କି ନାହିଁ ।

ଆବେଦନଗୁଡ଼ିକୁ ଅନୁମତି ଦେଇ ନ୍ୟାୟାଳୟ

ନିର୍ଣ୍ଣୟ କରିଥିଲେ ଯେ: ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ପରିବୀକ୍ଷା/କାମଚଳା ଆଧାରରେ/ଅସ୍ଥାୟୀ ଭିତ୍ତିରେ କରାଯାଇଥିବା ନିଯୁକ୍ତି ସମୟ ପ୍ରବାହ ଦ୍ୱାରା ସମାପ୍ତ ହୋଇଥାଏ ଏବଂ ଏପରି ପଦବୀରେ ଥିବା ବ୍ୟକ୍ତିଙ୍କ ଉକ୍ତ ପଦବୀରେ ରହିବାର ଏବଂ ତାହାର ନିୟମିତକରଣ କରାଇବା ଇତ୍ୟାଦି ପାଇଁ ଅନୁରୋଧ କରିବାର କୌଣସି ଅଧିକାର ନାହିଁ......। ଏହି ଆବେଦନଗୁଡ଼ିକରେ, ଉତ୍ତରଦାତାମାନେ ନିଯୁକ୍ତି ଆଦେଶରେ ନିର୍ଦ୍ଧାରିତ ନିବନ୍ଧନ ଓ ସର୍ତ୍ତାବଳୀ ସହିତ ନିଯୁକ୍ତିକୁ ସ୍ୱୀକାର କରି ସମ୍ପୃକ୍ତ ପଦବୀରେ ଯୋଗ ଦେଇଥିଲେ ଏବଂ କିଛି ବର୍ଷ ପାଇଁ ଉକ୍ତ ପଦବୀରେ ରହିଥିଲେ ଏବଂ ଯେଉଁ ଅବଧି ପାଇଁ ସେମାନଙ୍କୁ ନିଯୁକ୍ତ କରାଯାଇଥିଲା ତାହା ସମୟର ପ୍ରବାହ ଦ୍ୱାରା ଶେଷ ହୋଇଯାଇଥିଲା, ତେଣୁ ସେମାନଙ୍କୁ ବର୍ତ୍ତମାନ ପଛକୁ ଫେରିବାକୁ ଏବଂ ଏହା କହିବାକୁ ଅନୁମତି ନାହିଁ ଯେ ସେମାନଙ୍କର ନିଯୁକ୍ତି ପତ୍ର ଆଧାରରେ ସେମାନଙ୍କ ନିଯୁକ୍ତିକୁ ସମାପ୍ତ କରାଯାଇପାରିବ ନାହିଁ କିମ୍ବା ସେମାନଙ୍କୁ ଅସ୍ଥାୟୀ କର୍ମଚାରୀ କିମ୍ବା ଚୁକ୍ତିଭିତ୍ତିକ କର୍ମଚାରୀ ଭାବରେ ବିବେଚନା କରାଯାଇପାରିବ ନାହିଁ ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 4224/2006 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 2807/2002 ରେ ବାଙ୍ଗାଲୋରସ୍ଥିତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ 15.6.2005 ର ଚୂଡ଼ାନ୍ତ ସାଧାରଣ ରାୟରୁ ଆବେଦନ ।

ସହିତ

ଦେୱାନୀ ଆବେଦନ ସଂଖ୍ୟା 4225/2006 ।

ଆବେଦନକାରୀମାନଙ୍କ ତରଫରୁ ଏସ୍. ଏନ୍. ଭଟ୍ଟ, ଏନ୍. ପି. ଏସ୍. ପନୱାର୍, ଡି. ପି. ଚତୁର୍ବେଦୀ ଏବଂ ମୟୂରୀ କାକର୍ ।

ଉତ୍ତରଦାତାମାନଙ୍କ ତରଫରୁ କେ. ଶାରଦା ଦେବୀ ।

ନ୍ୟାୟାଳୟଙ୍କ ରାୟ **ନ୍ୟାୟମୂର୍ତ୍ତି ଡ. ଏ. ଆର୍. ଲକ୍ଷ୍ମଣନଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା । ମଞ୍ଜୁରୀ ଦିଆଯାଇଥିଲା ।

ଆବେଦନକାରୀମାନଙ୍କ ତରଫରୁ ଉପସ୍ଥିତ ଥିବା ବିଜ୍ଞ ଓକିଲ ଶ୍ରୀ ଏସ୍. ଏନ୍. ଭଟ୍ଟ ଏବଂ ଉତ୍ତରଦାତାମାନଙ୍କ ତରଫରୁ ଉପସ୍ଥିତ ଥିବା ବିଜ୍ଞ ଓକିଲ ଶ୍ରୀମତୀ କେ. ଶାରଦା ଦେବୀଙ୍କ କଥା ଶୁଣାଗଲା ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 2807/2002 ଏବଂ 2808/2002 ରେ ବାଙ୍ଗାଲୋରସ୍ଥିତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କ 15.6.2005 ର ଚୂଡ଼ାନ୍ତ ସାଧାରଣ ରାୟ ବିରୁଦ୍ଧରେ ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 16412/2005 ରୁ ଉତ୍ପନ୍ନ ଦେୱାନୀ ଆବେଦନ ସଂଖ୍ୟା 4224/2006 ଏବଂ ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 16418/2005 ରୁ ଉତ୍ପନ୍ନ ଦେୱାନୀ ଆବେଦନ ସଂଖ୍ୟା 4225/2006 ଦାୟର କରାଯାଇଥିଲା । ଆମ୍ଭେ ଏହି ଆବେଦନଗୁଡ଼ିକରେ ଥିବା ରାୟ ଏବଂ ନିଯୁକ୍ତି ଆଦେଶ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ରେକର୍ଡଗୁଡ଼ିକୁ ମଧ୍ୟ ଅନୁଧ୍ୟାନ କରିଛୁ । ଏଠାରେ ଥିବା ସମ୍ପୃକ୍ତ ଉତ୍ତରଦାତାମାନଙ୍କୁ ନିଯୁକ୍ତ କରିଥିବା ନିଯୁକ୍ତି ଆଦେଶଟି ସ୍ପଷ୍ଟ ଭାବରେ ଦର୍ଶାଏ ଯେ ଉତ୍ତରଦାତାମାନଙ୍କୁ 1993 ମସିହା ମାର୍ଚ୍ଚ 31 ତାରିଖରେ ଶେଷ ହେଉଥିବା ଶିକ୍ଷାବର୍ଷ ପାଇଁ ଅସ୍ଥାୟୀ ଭିତ୍ତିରେ ନିର୍ଦ୍ଧାରିତ ଦରମା ହାରରେ ନିଯୁକ୍ତ କରାଯାଇଥିଲା ଏବଂ ତାହା ଶିକ୍ଷା ବିଭାଗର ଅନୁମୋଦନ ସାପେକ୍ଷ ଥିଲା । ନିଯୁକ୍ତି ଆଦେଶରେ ଆହୁରି କୁହାଯାଇଛି ଯେ ଏହି ଅସ୍ଥାୟୀ କର୍ମଚାରୀମାନଙ୍କ ସେବାକୁ ପରିଚାଳନା ସଂସ୍ଥା ଦ୍ୱାରା, କୌଣସି କାରଣ ନଦେଇ ଏବଂ କୌଣସି

ପୂର୍ବ ସୂଚନା ନଦେଇ, ଯେକୌଣସି ସମୟରେ ସମାପ୍ତ କରାଯାଇପାରିବ । ଏହି ନିଯୁକ୍ତି ଆଦେଶ ୱାଇ. ଡି. ଦେଶପାଣ୍ଡେ (ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 16412/2005 ରେ ଥିବା ଉତ୍ତରଦାତା ସଂଖ୍ୟା 1) ଙ୍କୁ ଜାରି କରାଯାଇଥିଲା । 11.08.1991 ରେ ପରିଚାଳନା ସଂସ୍ଥା ଦ୍ୱାରା ହୋଇଥିବା ଏହାର ବୈଠକର ସଂକଳ୍ପ ଅନୁଯାୟୀ ଅନ୍ୟ ଏକ ନିଯୁକ୍ତି ଆଦେଶ ଜାରି କରାଯାଇଥିଲା । ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 16418/2005 ରେ ଥିବା ଉତ୍ତରଦାତା ସଂଖ୍ୟା 1 ଙ୍କୁ ଚୁକ୍ତି ଭିତ୍ତିରେ ଉକ୍ତ ବିଦ୍ୟାଳୟରେ ମାସିକ 400/- ଟଙ୍କାର ଏକତ୍ରୀକୃତ ଦରମାରେ ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା । ନିଯୁକ୍ତି ଆଦେଶରେ ଆହୁରି ମଧ୍ୟ କୁହାଯାଇଛି ଯେ ନିଯୁକ୍ତିଟି ଶିକ୍ଷାବର୍ଷ 10.4.1992 ର ଶେଷ ପର୍ଯ୍ୟନ୍ତ ହୋଇଥିଲା । ଏହା ବିବାଦରେ ନାହିଁ ଯେ ଯେତେବେଳେ ସରକାରଙ୍କ ଅନୁମୋଦନ ଲୋଡ଼ା ଯାଇଥିଲା, ସେତେବେଳେ ସରକାର ଅତିରିକ୍ତ ପଦବୀ ପାଇଁ ନିଯୁକ୍ତିକୁ ଅନୁମୋଦନ କରିନଥିଲେ । ଏହା ମଧ୍ୟ ବିବାଦରେ ନାହିଁ ଯେ ଆବେଦନକାରୀମାନଙ୍କ ଅନୁଷ୍ଠାନଟି ସରକାରଙ୍କ ଦ୍ୱାରା ଅନୁଦାନ-ସହାୟତା ଆଧାରରେ ପରିଚାଳିତ ହୁଏ । ଉତ୍ତରଦାତାମାନଙ୍କ ସେବାକୁ 2001 ମସିହାରେ ସମାପ୍ତ କରାଯାଇଥିଲା ଏବଂ ଆଇନ ଅଧୀନରେ ଉପଲବ୍ଧ ବିକଳ୍ପ ପ୍ରତିକାରର ସୁବିଧା ନନେଇ ଉତ୍ତରଦାତାମାନେ ସିଧାସଳଖ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନଗୁଡ଼ିକୁ ଦାୟର କରିଥିଲେ ଯାହାକୁ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ଅନୁମତି ଦିଆଯାଇଥିଲା ଏବଂ ପରିଚାଳନା ସଂସ୍ଥା ଦ୍ୱାରା ଆବେଦନ ପରେ ମଧ୍ୟ, ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କ ଦ୍ୱାରା ଏହାକୁ ନିଶ୍ଚିତ କରାଯାଇଥିଲା ।

ବର୍ତ୍ତମାନ ଏହା ଆଇନର ସୁପ୍ରତିଷ୍ଠିତ ନୀତି ଅଟେ ଯେ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ପରିବୀକ୍ଷା/କାମଚଳା ଆଧାରରେ କରାଯାଇଥିବା ନିଯୁକ୍ତି ସମୟ ପ୍ରବାହ ଦ୍ୱାରା ସମାପ୍ତ ହୋଇଥାଏ ଏବଂ ଏହିପରି ପଦବୀରେ ଥିବା ବ୍ୟକ୍ତିଙ୍କ ପଦବୀରେ ରହିବାର କୌଣସି ଅଧିକାର ରହିବ ନାହିଁ । ଏହି ମାମଲାରେ ଯେପରି ଉପରେ ଲକ୍ଷ୍ୟ କରାଯାଇଛି, ସମ୍ପୃକ୍ତ ଉତ୍ତରଦାତାମାନେ ନିଯୁକ୍ତି ଆଦେଶରେ ନିର୍ଦ୍ଧାରିତ ନିବନ୍ଧନ ଓ ସର୍ତ୍ତାବଳୀ ସହିତ ନିଯୁକ୍ତିକୁ ସ୍ୱୀକାର କରିଛନ୍ତି ଏବଂ ସମ୍ପୃକ୍ତ ପଦବୀରେ ଯୋଗ ଦେଇଛନ୍ତି ଏବଂ କିଛି ବର୍ଷ ଧରି ଉକ୍ତ ପଦବୀରେ ରହିଛନ୍ତି । ଉତ୍ତରଦାତାମାନେ ନିଯୁକ୍ତି ଆଦେଶରେ ନିର୍ଦ୍ଧାରିତ ନିବନ୍ଧନ ଓ ସର୍ତ୍ତାବଳୀକୁ ସ୍ୱୀକାର କରିଥିବାରୁ ଏବଂ ଯେଉଁ ଅବଧି ପାଇଁ ସେମାନଙ୍କୁ ନିଯୁକ୍ତ କରାଯାଇଥିଲା ତାହା ସମୟର ପ୍ରବାହ ଦ୍ୱାରା ଶେଷ ହୋଇଯାଇଥିବାରୁ, ସେମାନଙ୍କୁ ବର୍ତ୍ତମାନ ପଛକୁ ଫେରିବାକୁ ଏବଂ ଏହା କହିବାକୁ ଅନୁମତି ନାହିଁ ଯେ ସେମାନଙ୍କର ନିଯୁକ୍ତି ପତ୍ର ଆଧାରରେ ସେମାନଙ୍କ ନିଯୁକ୍ତିକୁ ସମାପ୍ତ କରାଯାଇପାରିବ ନାହିଁ କିମ୍ବା ସେମାନଙ୍କୁ

ଅସ୍ଥାୟୀ କର୍ମଚାରୀ କିମ୍ବା ଚୁକ୍ତିଭିତ୍ତିକ କର୍ମଚାରୀ ଭାବରେ ବିବେଚନା କରାଯାଇପାରିବ ନାହିଁ । ଉକ୍ତ ପ୍ରଭାବ ନିମନ୍ତେ ଉତ୍ତରଦାତାମାନଙ୍କ ତରଫରୁ ବିଜ୍ଞ ଓକିଲଙ୍କ ଦ୍ୱାରା କରାଯାଇଥିବା ଉପସ୍ଥାପନାର କୌଣସି ନିପୁଣତା ନାହିଁ ଏବଂ ସେଥିପାଇଁ, ଏହା ପ୍ରତ୍ୟାଖ୍ୟାନଯୋଗ୍ୟ ଅଟେ । ଏହି ନ୍ୟାୟାଳୟଙ୍କ ଅନ୍ୟାନ୍ୟ କେତେକ ନିର୍ଣ୍ଣୟ ଦ୍ୱାରା ମଧ୍ୟ ଏହା ସୁପ୍ରତିଷ୍ଠିତ ଆଇନ ଯେ କାମଚଳା/ଅସ୍ଥାୟୀ ଭିତ୍ତିରେ କରାଯାଇଥିବା ନିଯୁକ୍ତି ସମୟ ପ୍ରବାହ ଦ୍ୱାରା ଶେଷ ହୋଇଥାଏ ଏବଂ ଏପରି ପଦବୀରେ ଥିବା ବ୍ୟକ୍ତିଙ୍କ ଉକ୍ତ ପଦବୀରେ ରହିବାର ଏବଂ ତାହାର ନିୟମିତକରଣ କରାଇବା ଇତ୍ୟାଦି ପାଇଁ ଅନୁରୋଧ କରିବାର କୌଣସି ଅଧିକାର ନାହିଁ ।

ପୂର୍ବୋକ୍ତ କାରଣଗୁଡ଼ିକ ପାଇଁ, ଏହି ଦେୱାନୀ ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି ଏବଂ ଆଜ୍ଞାଦେଶ ଆବେଦନ ସଂଖ୍ୟା 2807/2002 ଏବଂ 2808/2002 ରେ ଏବଂ ଆଜ୍ଞାଦେଶ ଆବେଦନଗୁଡ଼ିକରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ରାୟଗୁଡ଼ିକୁ ବାତିଲ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଏନ୍. ଜେ. ଆବେଦନଗୁଡ଼ିକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ